ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

ରାଜନୀତିର କୁ-ପ୍ରବୃତ୍ତି

ଗୁଜୁରାଟରୁ ଉତ୍ତର ଭାରତ ଓ ମୁଖ୍ୟତଃ ଉତ୍ତରପ୍ରଦେଶ-ବିହାରର ଲୋକଙ୍କ ପଳାୟନ କିଛି ବର୍ଷ ପୂର୍ବେ ଦକ୍ଷିଣ ଭାରତରୁ ପୂର୍ବୋତ୍ତର ରାଜ୍ୟ ଗୁଡ଼ିକର ଲୋକଙ୍କ ପଳାୟନ କଥା ସ୍ମରଣ କରାଯାଉଛି । ୨୦୧୨ରେ ଆସାମରେ ବୋଡ଼ୋ ଓ ମୁସ୍‌ଲିମ୍ ସମୁଦାୟର ଲୋକଙ୍କ ମଧ୍ୟରେ ହିଂସାକାଣ୍ଡ ପରେ ଦକ୍ଷିଣ ଭାରତ ମୁଖ୍ୟତଃ ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍‌ରେ ଏଭଳି ଗୁଜବ ପ୍ରଚାର କରାଗଲା ଯେ ଯଦି ଆସାମର ଲୋକମାନେ ଖୁବ୍‌ଶୀଘ୍ର ସହର ନଛାଡ଼ନ୍ତି ତେବେ ସେମାନଙ୍କ ଉପରେ ଆକ୍ରମଣ କରାଯିବ । ଏହାପରେ ପୂର୍ବୋତ୍ତରର ଲୋକେ ଭୟଭୀତ ହେବା ସହ ଦକ୍ଷିଣ ଭାରତୀୟ ସହରରୁ ପଳାୟନ କରିବା ଆରମ୍ଭ କଲେ । ଯେତେବେଳେ ଦକ୍ଷିଣ ଭାରତର ସରକାର ସଚେତନ ହେଲେ ସେ ଭିତରେ ପୂର୍ବୋତ୍ତରର ହଜାର ହଜାର ଲୋକ ସ୍ୱଗୃହକୁ ଫେରିବା ନିମନ୍ତେ ଟ୍ରେନ୍ ଧରିସାରିଥିଲେ । କିଛି ସେହିଭଳି ସ୍ଥିତି ଆଜି ଗୁଜୁରାଟରେ ଦେଖିବାକୁ ମିଳିଛି । କିନ୍ତୁ ଗୁଜୁରାଟରେ ୟୁପି-ବିହାରର ଲୋକଙ୍କ ପଳାୟନ ପଛରେ କୌଣସି ଗୁଜବ ନାହିଁ । ବରଂ ସେମାନଙ୍କୁ ଦିଆଯାଉଥିବା ଖୋଲା ଧମକ୍ ଯୋଗୁ ସେମାନେ ପଳାୟନ କରୁଛନ୍ତି । ଉତ୍ତର ପ୍ରଦେଶ-ବିହାରର ଲୋକେ ମୁଖ୍ୟତଃ ସେଠାକାର ଶ୍ରମିକ ମାନଙ୍କୁ ଧମକାଇବା ଅଭିଯୋଗରେ ଶତାଧିକ ଲୋକଙ୍କୁ ଗିରଫ କରାଯାଇସାରିଛି । ସାବରକଣ୍ଠ ଜିଲ୍ଲାର ହିମତ୍‌ନଗରରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ବିହାରର ଜଣେ ଯୁବକ ଗିରଫ ହେବା ପରେ ଗୁଜୁରାଟରେ ୟୁପି-ବିହାରର ଲୋକଙ୍କ ବିରୁଦ୍ଧରେ ସୁନିୟୋଜିତ ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅଭିଯାନ ପଛରେ କଂଗ୍ରେସ ବିଧାୟକ ଅଳ୍ପେଶ୍ ଠାକୁର୍‌ଙ୍କ ହାତ ଥିବା କୁହାଯାଉଛି । ତାଙ୍କର ଏଭଳି କିଛି ଭିଡ଼ିଓ ସମ୍ମୁଖକୁ ଆସିଛି ଯେଉଁଥିରେ ସେ ବାହାରର ଲୋକଙ୍କ ବିରୁଦ୍ଧରେ ଉତ୍ତେଜିତ ଭାଷଣ ଦେଉଥିବାର ଦେଖାଯାଇଛି ଓ ଶୁଣାଯାଇଛି ମଧ୍ୟ । ତାଙ୍କ ନିକଟରେ ଠାକୁର୍ ସେନା ନାମରେ ଏକ ସେନା ମଧ୍ୟ ଅଛି । ଚାରିଆଡ଼ୁ ଅଭିଯୋଗରେ ଘେରିବା ପରେ ସେ ନିଜକୁ ଶାନ୍ତି ଓ ମୈତ୍ରୀର ସବୁଠାରୁ ବଡ଼ ସମର୍ଥକ ଭାବେ ଉପସ୍ଥାପିତ କରୁଛନ୍ତି । କିନ୍ତୁ ଏହାର ଅଣଦେଖା କରାଯାଇପାରିବନାହିଁ ଯେ ତାଙ୍କର ଶକ୍ତିଶାଳୀ ତଥାକଥିତ ସେନାର ଲୋକେ ଉତ୍ତର ଭାରତୀୟଙ୍କୁ ଧମକାଇବାରେ ସମ୍ପୃକ୍ତ ଅଛନ୍ତି । ଅଳ୍ପେଶ୍ ଜାତି ବିଶେଷ ରାଜନୀତି କରିବାରେ ବେଶ୍ ଜଣାଶୁଣା । ସେ ଗୁଜୁରାଟ୍ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ସାମିଲ୍ ହୋଇଥିଲେ । ଏପରିକି ସେ ରାହୁଲ ଗାନ୍ଧୀଙ୍କ ଖାସ୍ ଲୋକ ଏବଂ କିଛିଦିନ ପୂର୍ବେ ତାଙ୍କୁ କଂଗ୍ରେସର ସଚିବ ଓ ବିହାରର ସହପ୍ରଭାରୀ କରାଯାଇଥିଲା । ଅଳ୍ପେଶ୍ ଠାକୁର୍ ମହାରାଷ୍ଟ୍ର ନବ ନିର୍ମାଣ ସେନାରେ ରାଜ୍ ଠାକ୍‌ରେଙ୍କ ସ୍ମରଣ କରାଉଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରଭେଦ ହେଉଛି ରାଜ୍ ଠାକ୍‌ରେ ଉତ୍ତର ଭାରତୀୟ ଲୋକଙ୍କ ବିରୁଦ୍ଧରେ ରୋଷ ପ୍ରକଟ କରୁଥିଲେ, ଅଳ୍ପେଶ୍ ଠାକୁର୍ ଉତ୍ତର ପ୍ରଦେଶର ଲୋକଙ୍କୁ ଧମକାଉଛନ୍ତି । ଧମକାଇବା ପରେ ଚାରିଆଡୁ ଅଭିଯୋଗ ଆସିବାମାତ୍ରେ ନିଜକୁ ସ୍ୱଚ୍ଛ ପ୍ରତିଛବି ସମ୍ପର୍ଣ୍ଣ ବୋଲି ଉପସ୍ଥାପିତ କରିବାକୁ ଉଦ୍ୟମ କରୁଛନ୍ତି । ଯେତେବେଳେ ରାଜ୍ ଠାକ୍‌ରେଙ୍କ ସମର୍ଥକ ମୁମ୍ବାଇରେ ଗୁଣ୍ଡାଗର୍ଦ୍ଦି କରୁଥିଲେ ଓ ପୋଲିସର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତି ମଧ୍ୟ ଯାଉଥିଲେ ସେତେବେଳେ ଏହା ମନେ କରାଯାଉଥିଲା ଯେ ସେ ସମୟର କଂଗ୍ରେସ ନେତୃତ୍ୱରେ ଥିବା ମହାରାଷ୍ଟ୍ର ସରକାର ତାଙ୍କୁ ଏଇଥିପାଇଁ ପ୍ରୋତ୍ସାହିତ କରୁଛି ଯେ ଶିବସେନାକୁ କିଭଳି ଦୁର୍ବଳ କରାଯିବ । ସତ ଯାହା ହୋଇଥାଉନା କାହିଁକି ତଥ୍ୟ ଏହା ମଧ୍ୟ ଅଛି ଯେ ରାଜ୍ ଠାକ୍‌ରେଙ୍କ ସମର୍ଥକ ସମସ୍ତ ଗୁଣ୍ଡାଗର୍ଦ୍ଦି ପରେ ମଧ୍ୟ କେବେହେଲେ ଦଣ୍ଡିତ ହୋଇନାହାନ୍ତି । ରାଜ୍ ଠାକ୍‌ରେଙ୍କ ଉପରେ କେତେବେଳେ କୌଣସି ଆଞ୍ଚ ମଧ୍ୟ ଆସିନାହିଁ ଓ ଏହାର କାରଣ ହେଉଛି ମହାରାଷ୍ଟ୍ର ସରକାରଙ୍କୁ ଭୟ ଥିଲା ଯେ ଯଦି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଏ ତେବେ ରାଜନୀତିକ ଭାବେ ସେ ଆହୁରି ସୁଦୃଢ଼ ନହେବେ ବୋଲି କହିହେବନାହିଁ । ଆଶ୍ଚର୍ଯ୍ୟ ନୁହେଁ ଯେ ଗୁଜୁରାଟ ସରକାର ମଧ୍ୟ ଏହି କାରଣ ଯୋଗୁ ଅଳ୍ପେଶ୍ ଠାକୁର୍‌ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିବାକୁ ଚାହୁଁନାହାଁନ୍ତି । ଏମିତି ବି ଆମ ଦେଶରେ ହିଂସା ପାଇଁ ନିଜ ଲୋକଙ୍କୁ ପ୍ରୋତ୍ସାହିତ କରୁଥିବା ନେତାଙ୍କ ବିରୁଦ୍ଧରେ ଏତେ ସହଜରେ କାର୍ଯ୍ୟାନୁଷ୍ଠାନ ହୋଇନଥାଏ । ଯଦି କେତେବେଳେ ହୋଇଥାଏ ତେବେ ବିରୋଧି ଦଳ ବିଳାପ କରେ ଯେ ପ୍ରତିଶୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଯେମିତିକି ଏହାର ଆଶା କମ୍ ଗୁଜୁରାଟ ସରକାର ଅଳ୍ପେଶ୍ ଠାକୁର୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେମିତି ଏହାର ମଧ୍ୟ ଯେ ରାହୁଲ ଗାନ୍ଧୀ ତାଙ୍କର ଏହି ନୂତନ ସୈନିକ ବିରୁଦ୍ଧରେ କିଛି ପଦକ୍ଷେପ ଗ୍ରହଣ କରିବେ, କାରଣ ଅଳ୍ପେଶ୍ ତାଙ୍କର ମୋଦି ବରୋଧି ରାଜନୀତିକୁ ସୁଦୃଢ଼ କରିବାରେ ସହଯୋଗ କରୁଛନ୍ତି । ଠାକ୍‌ରେ ଓ ଅଳ୍ପେଶ୍ ଠାକୁର୍‌ଙ୍କ ଭଳି ତଥାକଥିତ ନେତାଙ୍କ ଅଭିବୃଦ୍ଧି ଭାରତୀୟ ରାଜନୀତିରେ କୁ-ରୂପ ଚେହେରାକୁ ଉଜାଗର କରୁଛି । ଏଭଳି ତତ୍ତ୍ୱ ଏଇଥିପାଇଁ ମନଇଚ୍ଛା କାର୍ଯ୍ୟ କରନ୍ତି ଓ ସଫଳ ମଧ୍ୟ ହୁଅନ୍ତି । କାରଣ କେହି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ ଯୁଟାଇ ପାରନ୍ତିନାହିଁ । ଯଦି କାଲି ଗୁଜୁରାଟ ସରକାର ଅଳ୍ପେଶ୍‌ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ତାହାଲେ ଏହା କୁହାଯିବ ଯେ ବିଜେପି ନିଜର ରାଜନୀତିକେ ବିରୋଧିକୁ ଦମନ କରିବା ପାଇଁ ଉଦ୍ୟମ କରୁଛି । ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେତେବେଳେ ମହାରାଷ୍ଟ୍ର ନବନିର୍ମାଣ ସେନା ରାଜନୀତିକ ଦଳ ଭାବେ ମାନ୍ୟତାକୁ ରଦ୍ଦ କରିବା ପାଇଁ ଏକ ଆବେଦନ ସୁପ୍ରିମ୍‌କୋର୍ଟରେ ଦାୟର କରାଗଲା ସେତେବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ କୌଣସି ରାୟ ଦେବା ପରିବର୍ତ୍ତେ ଆବେଦନ କର୍ତ୍ତାଙ୍କୁ ସେହି ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବା ପାଇଁ କହିଲେ । ଯାହା ନିକଟରେ ଏହି ଅଧିକାର ନାହିଁ କି କୌଣସି ଦଳର ମାନ୍ୟତା ସେ ରଦ୍ଦ କରିପାରିବେ ? କାଇଦାରେ ଅଳ୍ପେଶ୍ ଠାକୁର୍ ଓ ରାଜ୍ ଠାକ୍‌ରେ ଭଳି ତତ୍ତ୍ୱ ନିମନ୍ତେ ରାଜନୀତିରେ କୌଣସି ସ୍ଥାନ ରହିବା ଅନୁଚିତ୍ । କିନ୍ତୁ ଆଜିକାଲି ଏହିଭଳି ଲୋକ ରାଜନୀତିରେ ବେଶୀ ଦେଖାଯାଉଛନ୍ତି ।

ସମସ୍ୟା କେବଳ ଏହାନୁହେଁ ଯେ ଏଭଳି ତଥାକଥିତ ନେତା ନିଜର ସମର୍ଥକମାନଙ୍କୁ ଏକଜୁଟ୍ କରିନିଅନ୍ତି । ବରଂ ଏହା ଯେ କେତେକ ରାଜନୀତିକ ଦଳ ତାଙ୍କୁ ସଂରକ୍ଷଣ ଦେବା ପାଇଁ ସର୍ବଦା ତତ୍ପରତା ପ୍ରକାଶ କରନ୍ତି । ଏମିତିବି ଏହି କାମରେ କୌଣସି ମଧ୍ୟ ରାଜନୀତିକ ଦଳ ପଛକୁ ହଟନ୍ତିନାହିଁ । ତେଣୁ ସାମ୍ପ୍ରତିକ ସ୍ତରରେ ଆମକୁ ଚିନ୍ତା କରିବାକୁ ପଡ଼ିବ ଭାରତୀୟ ଗଣତନ୍ତ୍ରର ଭଲ ସେଇଥିରେ ଯେ ତାର ଗୁଣଗାନ କରିବା ସମୟରେ ଏହି ଯଥାର୍ଥକୁ ମଧ୍ୟ ଦେଖାଯାଉ ଯେ ଭାରତର ରାଜନୀତିକ ଦଳ ସେମାନଙ୍କ ସମ୍ପୂର୍ଣ୍ଣ ସ୍ୱାର୍ଥକୁ ପୂରଣ କରିବା ପାଇଁ କୌଣସି ସୀମା ପର୍ଯ୍ୟନ୍ତ ଯିବାକୁ ଉଦ୍ୟମ କରୁଛନ୍ତି । ନିଜ ଲୋକଙ୍କ ସ୍ୱାର୍ଥ ସହିତ ଖେଳୱାଡ଼ ନୀତି ରଖୁଥିବା ଲୋକଙ୍କୁ କାହିଁକି ଗ୍ରହଣ କରାଯିବ ? ରାଜନୀତିର ଏହି କୁ-ପ୍ରବୃତ୍ତିର ଫଳ ହେଉଛି ଗୁଜୁରାଟରୁ ହଜାର ହଜାର ଉତ୍ତର ଭାରତୀୟଙ୍କ ପଳାୟନ ।



କିଛି ସ୍ମୃତି
କିଛି
ଜାଗୃତି

ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ସମାଜ କଲ୍ୟାଣରେ ଡାକ୍ତର ରାମକୃଷ୍ଣ ଦାସ

ରାମକୃଷ୍ଣ ଦାସଙ୍କର ଓଡ଼ିଶାର ଅନ୍ୟତମ ସାଂସ୍କୃତିକ ସହର ଭଦ୍ରକ ଜିଲ୍ଲାରେ ଜନ୍ମ । ସେ ଥିଲେ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ହୋମିଓପାଥିକ ଡାକ୍ତର ତଥା ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ଭଣଜା । ଡାକ୍ତର ଦେବେନ୍ଦ୍ର ଦାସଙ୍କ ପ୍ରଭାବରେ ସେ ଅନୁପ୍ରାଣିତ ହୋଇ ହୋମିଓପାଥିକ ଶିକ୍ଷାଲାଭ କରିଥିଲେ । ଶିକ୍ଷାଶେଷ ପରେ ସେ ପ୍ରଥମେ କିଛିଦିନ ଭଦ୍ରକରେ ଚିକିତ୍ସା କରିଥିଲେ ମଧ୍ୟ ସେ ଓଡ଼ିଶାର ପ୍ରଧାନ ଶିଳ୍ପନଗରୀ ରାଉରକେଲା ସହରକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରିନେଲେ । ସେ ରାଉରକେଲା ଯାଇ ସେଠାରେ ଚିକିତ୍ସା ବେଉସା ଆରମ୍ଭ କରିଦେଇ ତହିଁରେ କେବଳ ନୀରବ ରହିଯାଇ ନଥିଲେ । ସେ ନିଜର ଚିକିତ୍ସା ସହିତ ଓଡ଼ିଶାରେ ହୋମିଓପାଥିକ ଚିକିତ୍ସା ଓ ଶିକ୍ଷାର ବିକାଶ ନିମନ୍ତେ ଉଦ୍ୟମ ଆରମ୍ଭ କରିଦେଲେ । ସେତେବେଳକୁ ଭୁବନେଶ୍ୱରରେ ଏକ ହୋମିଓପାଥିକ ମେଡିକାଲ କଲେଜ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ୧୯୬୯ ମସିହାରୁ ପ୍ରତିଷ୍ଠିତ ହୋଇସାରିଥିଲା ।

ଜନ୍ମ ଓ ମୃତ୍ୟୁ ଏ ସଂସାରର ଏବଂ ବିଶେଷକରି ଏ ସାରା ବିଶ୍ୱର ଏକ ଚିରନ୍ତନ ସତ୍ୟ । ଜନ୍ମ ଓ ମୃତ୍ୟୁ ମଝିରେ ଜୀବନ । ସେହି ଜୀବନର ସ୍ଥିତିକାଳ ଓ କାର୍ଯ୍ୟକାଳ ଯାହାର ଅତ୍ୟନ୍ତ ସାବଲୀଳ ଭାବେ ସମାଜର ହିତ ଉଦ୍ଦେଶ୍ୟରେ ବ୍ୟୟିତ ହୋଇଥାଏ-ସେ ବ୍ୟକ୍ତି ହିଁ ଚିରକାଳ ଜନସମାଜରେ ସ୍ମରଣୀୟ ହୋଇ ରହିପାରନ୍ତି ।

ସେହି ପରିପ୍ରେକ୍ଷୀରେ ଡାକ୍ତର ରାମକୃଷ୍ଣ ଦାସଙ୍କ ଅବଦାନ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇପାରେ ।

ରାମକୃଷ୍ଣ ଦାସଙ୍କର ଓଡ଼ିଶାର ଅନ୍ୟତମ ସାଂସ୍କୃତିକ ସହର ଭଦ୍ରକ ଜିଲ୍ଲାରେ ଜନ୍ମ । ସେ ଥିଲେ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ହୋମିଓପାଥିକ ଡାକ୍ତର ତଥା ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ଭଣଜା । ଡାକ୍ତର ଦେବେନ୍ଦ୍ର ଦାସଙ୍କ ପ୍ରଭାବରେ ସେ ଅନୁପ୍ରାଣିତ ହୋଇ ହୋମିଓପାଥିକ ଶିକ୍ଷାଲାଭ କରିଥିଲେ । ଶିକ୍ଷାଶେଷ ପରେ ସେ ପ୍ରଥମେ କିଛିଦିନ ଭଦ୍ରକରେ ଚିକିତ୍ସା କରିଥିଲେ ମଧ୍ୟ ସେ ଓଡ଼ିଶାର ପ୍ରଧାନ ଶିଳ୍ପନଗରୀ ରାଉରକେଲା ସହରକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରିନେଲେ । ସେ ରାଉରକେଲା ଯାଇ ସେଠାରେ ଚିକିତ୍ସା ବେଉସା ଆରମ୍ଭ କରିଦେଇ ତହିଁରେ କେବଳ ନୀରବ ରହିଯାଇ ନଥିଲେ । ସେ ନିଜର ଚିକିତ୍ସା ସହିତ ଓଡ଼ିଶାରେ ହୋମିଓପାଥିକ ଚିକିତ୍ସା ଓ ଶିକ୍ଷାର ବିକାଶ ନିମନ୍ତେ ଉଦ୍ୟମ ଆରମ୍ଭ କରିଦେଲେ । ସେତେବେଳକୁ ଭୁବନେଶ୍ୱରରେ ଏକ ହୋମିଓପାଥିକ ମେଡିକାଲ କଲେଜ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ୧୯୬୯ ମସିହାରୁ ପ୍ରତିଷ୍ଠିତ ହୋଇସାରିଥିଲା । କିନ୍ତୁ କେବଳ ସେହି କଲେଜରେ ଥିବା କେତୋଟି ସୀମିତ ସ୍ଥାନକୁ ନେଇ ଓଡ଼ିଶାର ଅଭିଳକ୍ଷିତ ଛାତ୍ରଛାତ୍ରୀମାନେ ହୋମିଓପାଥି ଶିକ୍ଷାଲାଭ କରିବା ସମ୍ଭବ ହେଉନଥିଲା । ସେତେବେଳକୁ ଅବଶ୍ୟ ବ୍ରହ୍ମପୁର ସହରରେ ମଧ୍ୟ ଏକ ଘରୋଇ ହୋମିଓପାଥିକ ମେଡିକାଲ୍ କଲେଜ ଗଢି ଉଠିଥିଲା । ଡାକ୍ତର ରାମକୃଷ୍ଣ ଦାସ ରାଉରକେଲା ପରି ଏକ ବିକାଶଶୀଳ ସହରରେ ହୋମିଓପାଥିକ ମେଡିକାଲ୍ କଲେଜ ଟିଏ ସ୍ଥାପନ କରିବାର ସ୍ୱପ୍ନ ଦେଖିଲେ ଏବଂ ସେହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ରାଉରକେଲାର ଅନ୍ୟତମ ବରିଷ୍ଠ ସଂଗଠକ ତଥା ଜନନାୟକମାନଙ୍କ ସହଯୋଗରେ ୧୯୭୫ ମସିହାରେ ହୋମିଓପାଥିକ ମେଡିକାଲ କଲେଜଟିଏ ସ୍ଥାପନ କଲେ । ଆଇନ୍‌ଜୀବୀ ମୁରଲୀଧର ପରିଜା, ସାମ୍ବାଦିକ ଦେବେନ୍ଦ୍ର ପତି ଆଦିଙ୍କ ପରାମର୍ଶ ଓ ସହାୟତାରେ ସେ କଲେଜଟିଏ ଘରୋଇ ଭାବେ ଆରମ୍ଭ କରିଥିଲେ । କଲେଜର ନାମ ରଖିଥିଲେ ଉତ୍କଳମଣି ହୋମିଓପାଥିକ ମେଡିକାଲ୍ କଲେଜ । ଏହି କଲେଜର ସ୍ଥାପନା ଓ ସୁପରିଚାଳନା ନିମନ୍ତେ କେତେକାଂଶରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ଓ ରାଉରକେଲାର ପ୍ରଶାସକ ମଧ୍ୟ ସହଯୋଗର ହାତ ବଢାଇ ଦେଇଥିଲେ । ଷ୍ଟିଲପ୍ଲାଣ୍ଟ ଅସ୍ଥାୟୀ ଭାବେ କଲେଜର ସ୍ଥାପନ ନିମନ୍ତେ ରାଉରକେଲାର ଗୋଲ୍‌ଘରରେ ଘର ଯୋଗାଇ ଦେଇଥିଲେ । ସେହି ଗୋଲ୍‌ଘରରେ ପ୍ରଥମେ କଲେଜ ସ୍ଥାପିତ ହେଲା ଏବଂ ଯଥାରୀତିରେ ଗତିଶୀଳ ହେଲା । ଏହା ପ୍ରଥମେ ଡିପ୍ଲୋମା କୋର୍ସ ଥିଲା ଏବଂ ରାଜ୍ୟ ହୋମିଓପାଥିକ ବୋର୍ଡ ଏହାର ପରୀକ୍ଷା ଇତ୍ୟାଦି କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ଏହାର ପରୀକ୍ଷା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟନ୍ତ୍ରିତ ହେଲା ଏବଂ ଏହା ଡିଗ୍ରୀ କୋର୍ସରେ ରୂପାନ୍ତରିତ ହେଲା । କଲେଜର ଆର୍ଥିକ ସଂକଟ ଦୂର କରିବା ନିମନ୍ତେ ସେ ବହୁ କଷ୍ଟ ସ୍ୱୀକାର କରିଛନ୍ତି । ଉଭୟ ମାନସିକ ଓ ଶାରୀରିକ ଯନ୍ତ୍ରଣା ନିଜ ମୁଣ୍ଡକୁ ନେଇ କଲେଜଟିକୁ ଯଥାରୀତିରେ ଗତିଶୀଳ କରାଇ ୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ କଲେଜଟିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଇବାକୁ ସକ୍ଷମ ହୋଇ ପାରିଥିଲେ । ସେ ନିଜେ ଶିକ୍ଷାପ୍ରାପ୍ତ ଚିକିତ୍ସକ ହୋଇଥିବାରୁ ନିଜେ କଲେଜର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ । କଲେଜଟି ସରକାରୀ ହେବା ପରେ ମଧ୍ୟ ସେ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ସେହି କଲେଜର ଅଧ୍ୟକ୍ଷ ଭାବେ ଅଧିଷ୍ଠିତ ଥିଲେ । ସେ ଅବସର ଗ୍ରହଣ କରିବା ପରେ ଅସ୍ଥାୟୀ ଭାବେ ସେହି କଲେଜର ବରିଷ୍ଠ ପ୍ରାଧ୍ୟାପକ ଜଣେ ଅଧ୍ୟକ୍ଷ କାର୍ଯ୍ୟ କରୁଥିଲେ । ୨୦୦୧ ମସିହା ଫେବୃଆରୀ ୨୮ ତାରିଖରେ ସରକାରୀ ନିର୍ଦ୍ଦେଶରେ ମୁଁ ପ୍ରଫେସର ପଦବୀକୁ ଉନ୍ନୀତ ହୋଇ ସେହି କଲେଜର ଅଧ୍ୟକ୍ଷ ଭାବେ ଯୋଗଦାନ କରିଥିଲି । ସେ ମଧ୍ୟ କେନ୍ଦ୍ରୀୟ ହୋମିଓ ପାଥିକ କାଉନ୍‌ସିଲକୁ ନିର୍ବାଚିତ ହୋଇଥିଲେ । ପୂର୍ବରୁ ରାମକୃଷ୍ଣ ଦାସଙ୍କ ସହିତ ମୋର ଖୁବ୍ ଭଲ ସମ୍ପର୍କ ଥିଲା । ସେ ମୋର ଆଗମନକୁ ସ୍ୱାଗତ କରିଥିଲେ । ଯେଉଁଦିନ ପ୍ରଥମେ ମୁଁ ଯୋଗଦାନ କରିବାକୁ ରାଉରକେଲା ଗଲି ବସ୍‌ଷ୍ଟାଣ୍ଡକୁ ତାଙ୍କର ପୁତ୍ରକୁ ମୋତେ ତାଙ୍କ ଘରକୁ ପାଛୋଟି ନେବା ପାଇଁ ପଠାଇଥିଲେ । ସେହି କଲେଜର ଅନ୍ୟ ଦୁଇଜଣ ପ୍ରାଧ୍ୟାପକ ଡା. କୃପାସିନ୍ଧୁ ନାୟକ ଓ ଡା. ରମେଶ ଚନ୍ଦ୍ର ସାହୁ ମଧ୍ୟ ଆସିଥିଲେ । ଡା. ରାମକୃଷ୍ଣ ଦାସ ଚାହୁଁଥିଲେ ମୁଁ କଲେଜରେ ମୋର ଅବସର ପର୍ଯ୍ୟନ୍ତ ରହିବାକୁ । ତେଣୁ ମୋର ଖାଇବା, ପିଇବା, ରହିବା ଅସୁବିଧା ହେବ ଭାବି ତାଙ୍କ ଘରେ ମୋର ଖାଦ୍ୟ ଭୋଜନ ବ୍ୟବସ୍ଥା ପ୍ରଥମେ କିଛିକାଳ କରିଥିଲେ ଏବଂ ସେଥି ନିମନ୍ତେ ମୋଠାରୁ କୌଣସି ପ୍ରାପ୍ୟ ଗ୍ରହଣ କରିନଥିଲେ ।

ଡାକ୍ତର ରାମକୃଷ୍ଣ ଦାସ ଥିଲେ ଅତ୍ୟନ୍ତ ସ୍ନେହୀ ଏବଂ ଜଣେ ମାନବ ପ୍ରେମୀ ବ୍ୟକ୍ତି । ତାଙ୍କ ସଂସ୍ପର୍ଶରେ ଯେ ନଆସିଥିବ ସେ ତାଙ୍କ ମାନବିକତା ସମ୍ପର୍କରେ ଜାଣି ପାରିବ ନାହିଁ । ସେ ଯେପରି ଥିଲେ ଛାତ୍ରବତ୍ସଳ ଠିକ୍ ସେହିପରି ଥିଲେ ଜଣେ ମଣିଷ ପରି ମଣିଷ । ମୋର ରାଉରକେଲା ରହଣି କାଳ ମଧ୍ୟରେ ତାଙ୍କ ସହିତ ମୋର ଖୁବ୍ ଭଲ ସମ୍ପର୍କ ଥିଲା । ମୋ ପ୍ରତି ତାଙ୍କର ଈର୍ଷା ନଥିଲା କି ହିଂସା ନଥିଲା । ତାଙ୍କ ସହିତ କ୍ରମଶଃ ପାରିବାରିକ ସମ୍ପର୍କ ଗଢିଉଠିଥିଲା । ତାଙ୍କ ପିଲାଙ୍କ ବିବାହ ଆଦିରେ ମୁଁ ଯେପରି ଯୋଗଦାନ କରୁଥିଲି ସେ ମଧ୍ୟ ଭୁବନେଶ୍ୱର ଆସିଲେ ଆମ ଘରକୁ ନିଶ୍ଚିତ ଭାବେ ଆସୁଥିଲେ ।

ସେ କଲେଜର ଅଧ୍ୟକ୍ଷ ନଥିଲେ ମଧ୍ୟ କଲେଜର ଭଲମନ୍ଦ ଓ ହାନିଲାଭ ଖବର ରଖୁଥିଲେ ଏବଂ କଲେଜଟିକୁ ଯଥାରୀତିରେ ମୁଁ ଖୁବ୍ ଭଲ ଭାବେ ଚଳାଇପାରିବି ବୋଲି ତାଙ୍କର ଦୃଢ ଧାରଣା ଥିଲା । ମୁଁ କିନ୍ତୁ ମୋରା ବ୍ୟକ୍ତିଗତ ଅସୁବିଧା ଥିବାରୁ ବଦଳି ହୋଇ ଭୁବନେଶ୍ୱର ଫେରିଯିବାକୁ ଚେଷ୍ଟାକରୁଥିଲି । କିନ୍ତୁ ସେ ଚାହୁଁଥିଲେ ମୁଁ କିପରି ଫେରିନଯାଏ । କଲେଜର ପ୍ରତ୍ୟେକ ଉତ୍ସବକୁ ମୁଁ ତାଙ୍କୁ ଅତିଥି କରି ଡାକୁଥିଲି । ସେ ପ୍ରତିଷ୍ଠାତା ଅଧ୍ୟକ୍ଷ ଥିବାରୁ ମୁଁ ତାଙ୍କର ଏକ ଫଟୋଚିତ୍ର କଲେଜର ଅଧ୍ୟକ୍ଷଙ୍କ ଅଫିସ୍ ରୁମ୍‌ରେ ସ୍ଥାପନ କରିଥିଲି । ତାହା ଏବେ ସେଠାରେ ସେହିପରି ଅଛି କି ନାହିଁ ମୁଁ ଜାଣେ ନା । କଲେଜରେ ପ୍ରଥମ କରି ମୁଁ କଲେଜ ମୁଖପତ୍ର ପ୍ରକାଶ କରାଇଥିଲି । ସେ ସେଥିରେ ଖୁବ୍ ଆନନ୍ଦିତ ହୋଇଥିଲେ । ମୋ ସମୟରେ କଲେଜରେ ଉତ୍ତମ ଶିକ୍ଷାଦାନ ସମ୍ପାଦନ ହେଉଥିବାରୁ ସେ ମୋର ପ୍ରଶଂସା କରିବା ସହିତ ମୁଁ କିପରି ଫେରି ନଯାଏ ରାଉରକେଲାର ବହୁ ବରିଷ୍ଠ ଲୋକଙ୍କ ଦସ୍ତଖତରେ ମୋର ବଦଳି ବନ୍ଦ କରିବାକୁ ଲେଖିଥିଲେ ଏବଂ କଲେଜ ହିତ ଦୃଷ୍ଟିରୁ ସେ ଏହି ପଦକ୍ଷେପ ନେଇଛନ୍ତି ବୋଲି ଆନ୍ତରିକତାର ସହ ବୁଝାଇ ଦେଇଥିଲେ ।

ମୁଁ ଅନେକ ସମୟରେ ତାଙ୍କ ପାଖକୁ ଯାଉଥିଲି । କେବେ ତାଙ୍କ ଆମ୍ବାଗଡ଼ସ୍ଥିତ କ୍ଲିନିକ୍‌କୁ ତ କେବେ ତାଙ୍କ ଘରଆଡେ । ମୋତେ ଦେଖିଲେ ସେ ଆନନ୍ଦରେ ବିହ୍ୱଳ ହୋଇଯାଉଥିଲେ । ସେତେବେଳେ ତାଙ୍କ ଦେହ ବାରମ୍ବାର ଅସୁସ୍ଥ ହେଉଥିଲା । ମୁଁ ତାଙ୍କୁ ଦେଖିବାକୁ ହସ୍‌ପିଟାଲ ଯାଏ, ସେ କହନ୍ତି ମୁଁ ଜାଣିଥିଲି ଆପଣ ମୋତେ ଦେଖିବାକୁ ନଆସି ରହିପାରିବେ ନାହିଁ ।

ମୁଁ ୨୦୦୩ ମସିହାରୁ ଭୁବନେଶ୍ୱର ଫେରିଆସିବା ପରେ ଆଉ ବିଶେଷ ସମ୍ପର୍କ ନଥିଲା । ମୁଁ ଫୋନ୍ କଲେ ସେ ଖୁସି ହୁଅନ୍ତି । ମୁଁ ଏଇ ଗତ ଜାନୁଆରୀ ମାସରେ ରାଉରକେଲାସ୍ଥ ଧାମରାସଂଘରେ ଅତିଥି ଭାବେ ଯୋଗଦାନ କରିଥିଲି । ସେମାନେ ମଧ୍ୟ ମୋତେ ସେଠାରେ ସମ୍ବର୍ଦ୍ଧିତ କରିଥିଲେ । ସଭାଶେଷ ପରେ ମୁଁ ବନ୍ଧୁ ଭଗବାନ ରାଉତଙ୍କ ସହିତ ଯାଇ ତାଙ୍କ ଜଗଦାସ୍ଥିତ ବାସଭବନରେ ଦେଖାକରି ଆସିଥିଲି । ସେ ମୋତେ ଦେଖି ଖୁବ୍ ଆତ୍ମହରା ହୋଇଯାଇଥିଲେ, ତାହାହିଁ ଥିଲା ତାଙ୍କ ସହିତ ଶେଷ ଦର୍ଶନ । ସେ ଏହା ମଧ୍ୟରେ ପରଲୋକ ଗମନ କରିଛନ୍ତି । ତାହା ତାଙ୍କର ପିଲାମାନେ କିମ୍ବା କଲେଜ ସୂତ୍ରରୁ ମୋତେ କେହି ଜଣାଇନାହାନ୍ତି । ଚାରିଦିନ ତଳେ ମୁଁ ଡାକ୍ତର କମଳାକାନ୍ତ କରଙ୍କଠାରୁ ଶୁଣି ଭୀଷଣ ମିୟମାଣ ହୋଇପଡିଲି । ତାଙ୍କର ଆତ୍ମାର ସଦ୍‌ଗତି ହେଉ ।

ଏଲ୍-୧୦୨ ବରମୁଣ୍ଡା
ହାଉସିଂବୋର୍ଡ କଲୋନୀ,
ଭୁବନେଶ୍ୱର-୩,
ମୋ-୯୮୬୧୧୨୬୪୧୦

ଆମସ୍ୱାସ୍ଥ୍ୟ ଆମହାତରେ

ପ୍ରଫେସର ଡ଼ା.ଚତୁର୍ଭୁଜ ଭୂୟାଁ

ଫାଟ ରୋଗର ଚିକିତ୍ସା

ଓଠ ଫାଟ ବା କଳ ଖାଇବା- ଶୀତ ରତୁପାଇଁ ଶରୀର ସତର୍କ । ରତୁର ପରିବର୍ତ୍ତନ ସଙ୍ଗେ ସଙ୍ଗେ ବିଭିନ୍ନ ରୋଗର ପ୍ରଭାବ ଦେଖାଯାଉଛି । ସେଥି ମଧ୍ୟରୁ ଫାଟ ରୋଗ ଅନ୍ୟତମ । ଏହି ରୋଗଟି ଶୀତ ରତୁରେ ପ୍ରାୟତଃ ଛୋଟରୁ ବଡ଼ ପର୍ଯ୍ୟନ୍ତ ଅନେକଙ୍କ ଠାରେ ଅଧିକ ଦେଖାଯାଇଥାଏ । ବିଗତ ଦିନଗୁଡିକରେ ଘଟିଯାଇଥିବା ପ୍ରଳୟଙ୍କରୀ ବାତ୍ୟାର ପୀଡା ପରେ ଅନେକ ଲୋକଙ୍କର ବିଶେଷ ଭାବେ ପାଟି, ଓଠ ଓ ଗୋଡର ଗୋଇଠି ଫାଟିଯିବାର ଦେଖାଯାଇଛି । ପ୍ରଥମେ ପାଟିର ଓଠ ଫଟା ଆମେ ଦେଖିବା ଓଠ ଗୁଡିକ ଚଡ ଚଡ ହୋଇ ଫାଟି ମେଲା ହୋଇଯାଏ । କାହା ଦେହରୁ ଟିକେ ଟିକେ ରକ୍ତ ମଧ୍ୟ ବାହାରେ । ଦରଜ ହୁଏ, ଖାଇବା ସମୟରେ ଲୋକ ପାଟି ମେଲା କରି ପାରେ ନାହିଁ । ଖାଦ୍ୟ ଖାଇପାରେ ନାହିଁ ଏବଂ ଏହା ସହିତ ଓଠର ଦୁଇକଳ ମଧ୍ୟ ଛେତରା ହୋଇ ଧଳା ଦେଖାଯାଏ । ଏହାକୁ କଳଫଟା ବା କାଉପାଟି କୁହନ୍ତି ବା ମୁଖପାକ ରୋଗ କହନ୍ତି ।

କିପରି ହୁଏ- ବିଶେଷତଃ ଶରୀରୁ ଜୀବସାର ବାରମ୍ବାର ଅଭାବ ହେଲେ ଏହି ରୋଗ ହୋଇଥାଏ । କୌଣସି ରୋଗରେ ଅଧୀକ ଦିନ ପୀଡିତ ହେଲେ ବା ଜ୍ୱର ବହୁଦିନ ଲାଗି ରହିଲେ ଏହି ରୋଗ ହେବାର ସମ୍ଭାବନା ଥାଏ । ଯକୃତ କିମ୍ବା ପ୍ଲିହା ରୋଗର ପ୍ରଭାବିତ ଲକ୍ଷଣ ରୂପେ ଏହା ପ୍ରକାଶ ପାଇଥାଏ । ପିଲାମାନଙ୍କ ଠାରେ ଏହି ରୋଗ ବିଶେଷ କରି ଦେଖାଯାଏ । ବହୁଦିନ ଧରି କୃମି ହେଲେ ମଧ୍ୟ ଏହି କଳଖିଆ ରୋଗ ହୋଇଥାଏ ।

କିପରି ଜାଣିବା-ଏହା ପାଟିର ଦୁଇକଳ ଧଳା, ଧଳା ଦେଖିବାକୁ ମିଳେ । ପାଟି ଆଁ କରି ହୁଏ ନାହିଁ । ଆଁ କଲେ କଷ୍ଟ ହୁଏ । କଳ ବା ଓଠ ଚିରି ହୋଇ ରକ୍ତ ବାହାରେ । ଓଠରୁ ଟିକି ଟିକି ଚୋପା ବାହାରେ । ତା ସହିତ ପାଟିରେ ରାଗ, ମରିଚ ଖାଇ ହୁଏ ନାହିଁ । କଳ ସାମୟିକ ଦରଜ ଲାଗେ । ମୁହଁ ବିକୃତ ଦେଖାଯାଏ ।

କ'ଣ କରିବ- ପ୍ରଚୁର ପନିପରିବା, ସାଗ୍‌ସବ୍‌ଜୀ, କ୍ଷୀର, ମାଛ, ମାଂସ, ମୁଗ, ବିରି, ସୋଲା ଇତ୍ୟାଦି ଖାଇବା ଆବଶ୍ୟକ । ଶାଗମାନଙ୍କ ମଧ୍ୟରେ ପାଳଙ୍ଗ, ବଥୁଆ, ସଜନା ଶାଗ ଓ ସଜନା ଛୁଇଁ ଇତ୍ୟାଦି ଖାଇବ । କଳରେ ଗାଈ ଘିଅ ଓ ଲହୁଣୀକୁ ଉଷୁମ କରି ପ୍ରତିଦିନ ଲଗାଇବ । ଗାଈ ଘିଅରେ ଟାଙ୍ଗଣା ଖଇ ମିଶାଇ ମଲମ କରି ଲଗାଇବ । କଞ୍ଚା ଅଁଳା ରସ ୫ରୁ ୧୦ ଗ୍ରାମ ଦିନକୁ ୩ ଥର ଏକ ମାସ ପର୍ଯ୍ୟନ୍ତ ପିଇବ । ଅଁଳାକୁ ଗୁଣ୍ଡ କରି ୩ରୁ ୪ ଗ୍ରାମ ଦିନକୁ ୨ ଥର ଖାଇ ଗୁଡୁଚି ଭିଜା ପାଣି ୩ ସପ୍ତାହ ପିଇବ । ଗଜାମୁଗ (ନିତି) ପ୍ରତିଦିନ ଖାଇବା ଆବଶ୍ୟକ । ଏସବୁ ପ୍ରତିଦିନ ସେବନ କଲେ ଏହି ରୋଗ ଭଲ ହୋଇଥାଏ ।

ପାଦ ଫଟା-ଏବେ ଆସନ୍ତୁ ପାଦ ଫଟା ବିଷୟରେ ଆଲୋଚନା କରିବା । ପାଦଫାଟି ଗଲେ ଶିରା ଶିରା ହୋଇ ଗାର ପଡିଯାଏ । ପାଦ ସହିତ ଅନେକ ଲୋକଙ୍କର ଆଣ୍ଠୁ ଠାରୁ ପାଦ ପର୍ଯ୍ୟନ୍ତ ଫାଟି ଯାଇ କାତି ଛାଡିବା ପରି ଦେଖା ଯାଇଥାଏ । ଗୋଡ ଗୁଡିକ ବିବର୍ଣ୍ଣ ଦିଶେ । ପାଦ ଓ ଗୋଡରୁ ତେଲିଆ ଅଂଶ କମିଯାଇ କଠିନ ହୋଇଗଲେ ଗୋଡ ଓ ପାଦ ଫାଟି ଯନ୍ତ୍ରଣା ହୁଏ । ସାଧାରଣତଃ ପାଦର ପଛ ଗୋଇଠି ବେଶୀ ପରିମାଣରେ ଫାଟେ । ଶରୀରରୁ ସ୍ନେହସାର, ପୃଷ୍ଟିସାର ଜାତୀୟ ଓ ଜୀବସାରର ଅଭାବ ଦେଖାଗଲେ ରକ୍ଷତା ବଢିଯାଏ ଓ ଚମଡାରେ ଫାଟ ଫାଟ ଦାଗ ଦେଖାଯାଏ ।

ଗୋଇଠି ଫାଟି ଦରଜ ହୋଇଗଲେ ଚାଲିବାକୁ ଅକ୍ଷମ ଲାଗେ । ସମୁଦାୟ ପାଦ ମଧ୍ୟ କେତେକଙ୍କର ଫାଟିଯାଏ । ଫାଟର ଗଭୀର ଏବଂ ଲମ୍ବ ବଢିଲେ ଚାଲିଲା ସମୟରେ ରକ୍ତ ବାହାରେ । ପାଦ ଦରଜ ହୋଇଯାଏ । ପାଦରୁ ଚମଡା ଛାଡେ । ବହୁ ଲୋକଙ୍କର ଏହି ଫାଟ ମଧ୍ୟ ବର୍ଷସାରା ରହେ । ପଥୁରିଆ, ଜଙ୍ଗଲିଆ ଜାଗାରେ ରହୁଥିବା ଏବଂ ଖାଲି ପାଦରେ ଚାଲୁଥିବା ଲୋକଙ୍କର ଓ ଚାଷୀ ମୂଲିଆ ପ୍ରଭୃତି ପରିଶ୍ରମୀ ଲୋକଙ୍କର ଏହି ପାଦ ଫଟା ଅଧିକ ଦେଖାଯାଏ । ଏହି ରୋଗ ଆଜିକାଲି ଅଧିକ ମାତ୍ରାରେ ଦେଖାଯାଉଛି ।

କ'ଣ କରିବ- ଉଷୁମ ପାଣିରେ ପ୍ରତିଦିନ ଗୋଡ ଧୋଇ ଶୋରିଷ ତେଲକୁ ଗରମ କରି ପାଦରେ ଭଲ ଭାବେ ଘସିବ ବା ମାଲିସ୍ କରିବ । କଥାରେ ଅଛି-'ମାଥେ ପଗଡି ପାଦେ ତେଲ/ବଇଦ ସଙ୍ଗେ ହୋଇବ ଗେଲ ।' ସାଧାରଣତଃ ଗୋଡ ନ ଫାଟିବା ପାଇଁ ଆମେ ତେଲ ମାଲିସ୍ କରୁ । ପାଦର ଫାଟ ଗୁଡିକ ଦରଜ ହେଲେ ଲଙ୍କା ଆମ୍ବ ମଞ୍ଜିକୁ ଭାଜି ତା ତେଲକୁ ଲଗାଉ । ଏହାଛଡା ଅଗରା ତେଲ, ଟୋଲ ତେଲ, ରାଶିତେଲ ପାଦରେ ମାଲିସ୍ କରିବା ଆବଶ୍ୟକ । ୧୦୦ ଗ୍ରାମର ରାଶିତେଲରେ ନଡିଆ କ୍ଷୀର ୧୦ ଗ୍ରାମ ଓ ୫ ଗ୍ରାମ ଝୁଣା ପକାଇ ଫୁଟାଇ ଶିଶିରେ ରଖି ତହିଁରୁ ନୀତି ପାଦରେ ମାଲିସ୍ କରିବେ, ପାଦରୁ ଫଟା ଚମଡା ଟାଣି ବାହାର କରିବ ନାହିଁ । ରାଶିତେଲ ୧୦୦ ଗ୍ରାମ କନା ଛଣା ଝୁଣା ୨୫ ଗ୍ରାମ, ଅଫିମ ୧ ଗ୍ରାମ ଏସବୁକୁ ଫୁଟାଇ ଗୋଟିଏ ପ୍ରଶସ୍ତ ପାଣି କୁଣ୍ଡରେ ପକାଇ ହାତରେ ଘସିଲେ ସେଥିରୁ ବାହାରୁ ଥିବା ମଲମକୁ ପ୍ରତିଦିନ ରାତିରେ ଶୋଇଲା ବେଳେ ଲଗାଇବ ।

ପାଦରେ ଅଧା ଚମଡା ଯୋତା ପିନ୍ଧି ଚଲାବୁଲା କରିବା ଉଚିତ । ଏହି ସମୟରେ ପାଦରେ ମୋଜା ପିନ୍ଧିବା ଆରୋଗ୍ୟ ପାଇଁ ହିତକର ଖାଦ୍ୟରେ ଜୀବସାର ଜାତୀୟ ଖାଦ୍ୟ ଯଥା- ବଗଡା ଚାଉଳ ଭାତ, ବା ନାଲିଭାତ, ମୁଗଡାଲି, ବିଭିନ୍ନ ପ୍ରକାର ସଦ୍ୟ ପରିବା ସହିତ ମାଛ, ମାଂସ, ଅଣ୍ଡା ଖାଇଲେ ଶୀଘ୍ର ଆରାମ ମିଳେ । ପ୍ରତିଷେଧକ ଭାବରେ ସ୍ନେହ ସାର ଏବଂ ପୁଷ୍ଟିସାର ଖାଦ୍ୟ ବାଦାମ, ନଡିଆ, କ୍ଷୀର, ଛେନା ଇତ୍ୟାଦି ଖାଇବା ଉଚିତ ।

ପୋଖରୀପୁଟ,
ଭୁବନେଶ୍ୱର-୨୦
ମୋ.- ୭୨୦୫୬୫୨୨୧୨

ଭିନ୍ନ ଦୃଷ୍ଟି



ଇଂ. ଅଭୟ ସୂତାର

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ

ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ଗରିୟସୀ । ଏହି ପବିତ୍ରବାଣୀ ଆମ ସଂସ୍କୃତିର ମୂଳମନ୍ତ୍ର । ଜନନୀ ତା'ଗର୍ଭରେ ଆମକୁ ସୃଷ୍ଟି କରି ଜନ୍ମଦିଏ ଓ ଭୂମିଷ୍ଠ ହେବାପରେ ଜନ୍ମଭୂମି ତା'କୋଳରେ ପ୍ରଥମେ ଆଶ୍ରୟ ଦେଇଥାଏ । ତେଣୁ ଜନ୍ମଭୂମିକୁ ଆମେ ମାତୃଭୂମି ବୋଲି କହିଥାଉ । ଏହାପରେ ଯେଉଁମାନଙ୍କ ସାହାଯ୍ୟରେ ଆମେ ଲାଳିତ ପାଳିତ ହୋଇ ବିକାଶ ଲାଭକରୁ, ସେମାନଙ୍କୁ ମଧ୍ୟ ବସୁମାତା, ଗୋମାତା, ଜଗତମାତା, ଆଦିମାତା, ଗାୟତ୍ରୀମାତା, ଭାରତମାତା ଓ ଗଙ୍ଗାମାତା ଆଦି ମା' ଭାବରେ ସମ୍ବୋଧନ କରିଥାଉ ।

ତେବେ ଜନ୍ମଦାତ୍ରୀ ମାତା ହେଉଛନ୍ତି ଆମ ପାଇଁ ସର୍ବାଧିକ ଆଦରଣୀୟ ଓ ପୂଜନୀୟ । ସେ ହେଉଛନ୍ତି ଆମର ସୃଷ୍ଟିକର୍ତ୍ତୀ, ଜନ୍ମଦାତ୍ରୀ ଓ ପାଳନକର୍ତ୍ତୀ । ସନ୍ଥ ତୁଳସୀ ଦାସଙ୍କ ଭାଷାରେ- ଶିଶୁ-ମାତାର ଉଦରରେ ସୃଷ୍ଟି ହୋଇପାଳିତ ହୁଏ । ତା'ରକ୍ତ ମାଂସର ଏକ ଅଂଶ ଦ୍ୱାରା ତା'ର ଅସ୍ତିତ୍ୱ ନିର୍ମାଣ ହୁଏ । ଗର୍ଭରେ ଥିବା ସମୟରେ ସେ ମା'ଠାରୁ ଅଭିନ୍ନ ଥାଏ ଓ ଗର୍ଭରୁ ବାହାରକୁ ଆସିବା ପରେ ମା'ର ଏକ ଅଂଶ ହୋଇଯାଏ । ମା' ଡାକ ଦ୍ୱାରା ତାକୁ ତୃପ୍ତି ମିଳେ ଓ ମା' ସହିତ ଲାଗି ରହିଲେ ତାକୁ ଶାନ୍ତି ମିଳେ ।' ମା' ସନ୍ତାନକୁ ଜନ୍ମ ଦେଇ ପ୍ରଥମେ ସେ ବଞ୍ଚି ରହିବା ପାଇଁ ସ୍ତନ୍ୟପାନ କରାଏ ଓ ବଡହେବା ପରେ ନିଜ ହାତରେ ଖୁଆଇଦେଇ ତୃପ୍ତି ଲାଭ କରେ । ତେଣୁ ଯସା ପରଂ ତ୍ୱଂ ନାସ୍ତି, ଅର୍ଥାତ ଯାହାଠାରୁ ଆଉ କେହି ବଡ ନାହାନ୍ତି, ସେ ହେଉଛନ୍ତି ମା' ।

ଭାଗବତରେ କୁହାଯାଇଛି- ଗର୍ଭେ ଧରିଲୁ ଦଶମାସ, କଷ୍ଟ ଯେ ଭୋଗିଲୁ ଅଶେଷ । ଜନ୍ମଦାତ୍ରୀ ଜନନୀ, ଜନ୍ମଦେବା ପରେ ତାର ସନ୍ତାନକୁ ନିର୍ବିକାର ଚିତ୍ତ ଓ ନାନା ଦୁଃଖ ମଧ୍ୟରେ ଲାଳନ ପାଳନ କରିଥାଏ । ସେଥିପାଇଁ ଯେତେ ଯନ୍ତ୍ରଣା ଭୋଗିଲେ ମଧ୍ୟ ସେ ଆତ୍ମତୃପ୍ତି ଅନୁଭବ କରେ । ତେଣୁ କୁହାଯାଏ-ମା'ର ଋଣ କେହି ସୁଝିପାରିନାହିଁ, ମାତ୍ର ଏବେ ଆମ ସଂସ୍କୃତିର ଅବକ୍ଷୟ ଘଟିଛି । ମା' ପ୍ରତି କୃତଜ୍ଞତା ଓ ସେବା ବେଳକୁ ବେଳ ହ୍ରାସ ପାଉଛି । ଶିଶୁକୁ ଗର୍ଭରେ ଧାରଣ କରିଥିବା ମା'ର ସ୍ୱାସ୍ଥ୍ୟପ୍ରତି ଯତ୍ନ ଅଭାବରୁ ଦୁର୍ବଳ ଓ ରୁଗଣ ଅବସ୍ଥାରେ ସନ୍ତାନ ଜନ୍ମ ହେଉଛନ୍ତି ଓ ସେମାନେ ବଡ ହେବାପରେ ଯେଉଁ ସନ୍ତାନ ସୃଷ୍ଟି କରୁଛନ୍ତି, ସେମାନେ ଆହୁରି ଦୁର୍ବଳ ଓ ରୁଗଣ ହୋଇ ଜନ୍ମ ନେଉଛନ୍ତି । ତେଣୁ ଆମ ଭବିଷ୍ୟତ ବଂଶଧର ମଧ୍ୟ ଦୁର୍ବଳ ହେଉଛନ୍ତି । ପୁଣି ବୃଦ୍ଧାବସ୍ଥାରେ ସେମାନଙ୍କୁ ହତାଦର କରାଯିବା ଦ୍ୱାରା ସେମାନଙ୍କ ଅନ୍ତରର ହା-ହୁତାଶର ପ୍ରଭାବରେ ଆମର ଦୁର୍ଗତି ବଢିବାରେ ଲାଗିଛି । ଆମର ସନ୍ତାନମାନେ ଆମକୁ ବୃଦ୍ଧାବସ୍ଥାରେ ସେହିପରି କରିବାକୁ ଶିକ୍ଷା ପାଉଛନ୍ତି ।

ଆମ ଶାସ୍ତ୍ରରେ ଅଛି, ବେଦଜ୍ଞ ପଣ୍ଡିତ କୌଶିକଙ୍କ ପ୍ରଶ୍ନର ଉତ୍ତର ଦେଇ ଧର୍ମବାଧ କହିଥିଲେ, ସେ ପୂର୍ବ ଜନ୍ମରେ ଜଣେ ବେଦ ଅଧ୍ୟୟନକାରୀ ବ୍ରାହ୍ମଣ ଥିଲେ ଓ ରାଜାଙ୍କ ନିକଟରେ ବେଦ ଆଲୋଚନା କରି ତାଙ୍କର ସଖା ହୋଇଥିଲେ । ରାଜାଙ୍କ ସହିତ ଥରେ ମୃଗୟା କରିବାକୁ ଯାଇ ସେ ମୃଗ ମନେ କରି ଜଣେ ରଷିଙ୍କୁ ଶରବିଦ୍ଧ କରିବାରୁ ତାଙ୍କ ଅଭିଶାପରେ ଏ ଜନ୍ମରେ ବ୍ୟାଧ ହୋଇ ଜନ୍ମ ନେଇଛନ୍ତି । ରଷିଙ୍କୁ ଭୁଲବଶତଃ ଶରବିଦ୍ଧ କରିଥିବାରୁ ସେ ତତକ୍ଷଣାତ ଶରୀରରୁ ଶର କାଢିଦେଇ କ୍ଷମା ପ୍ରାର୍ଥନା କରିବାରୁ ରଷି କହିଥିଲେ, ତୁ ମୋର ଅଭିଶାପ ଯୋଗୁ ପରଜନ୍ମରେ ବ୍ୟାଧ ହେବୁ, ମାତ୍ର ନିଜ ବୃଦ୍ଧ ପିତା-ମାତାଙ୍କୁ ଯଦି ସେବା ଧର୍ମ କରିବୁ, ତେବେ ତାଙ୍କ ଆଶୀର୍ବାଦରୁ ଶାପମୁକ୍ତ ହେବୁ ଓ ପୁଣି ବ୍ରାହ୍ମଣ ହୋଇ ଜନ୍ମ ହେବୁ । ତେଣୁ ଏ ଜନ୍ମରେ ମୁଁ ବ୍ୟାଧ ହୋଇଥିଲେ ମଧ୍ୟ ପ୍ରାଣୀ ବଦ୍ଧ କରୁନାହିଁ ଓ ବୃଦ୍ଧ ପିତା-ମାତାଙ୍କ ସେବା କରୁଅଛି । ସେମାନେ ବର୍ତ୍ତମାନ ମୋ ପାଇଁ ପରମ ଦେବତା ଓ ମତେ ଆଶୀର୍ବାଦ କରୁଛନ୍ତି । ସେହିପରି ଶ୍ରବଣ କୁମାର ତାଙ୍କର ଅନ୍ଧ ବାପା-ମା'ଙ୍କୁ କାନ୍ଧରେ ଭାରକରି ବୁହାଇ ସାରାଜୀବନ ଭିକ୍ଷା ଗ୍ରହଣ କରୁଥିଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ମାତ୍ର ଏବେ ପରିସ୍ଥିତି ଏପରି ହୋଇଛି, ପାଶ୍ଚାତ୍ୟ ସଭ୍ୟତା ଓ ଆଧୁନିକ ଶିକ୍ଷାର ପ୍ରଭାବରେ ବାପ-ମା'ଙ୍କୁ ଘରେ ରଖି ସେବା ଯତ୍ନ କରିବାକୁ ବୋହୁ ପୁଅଙ୍କ ଇଚ୍ଛା ନାହିଁ । ପଚାରିଲେ କୁହାଯାଉଛି, ଅଧିକ ଚିକିତ୍ସା ବ୍ୟବସ୍ଥା ମିଳିବ ବୋଲି ଜରା ନିବାସ ବା ଡାକ୍ତରଖାନାରେ ରଖାଯାଇଛି, ମାତ୍ର ସେଠରେ ସେମାନେ କିପରି ଅଛନ୍ତି ଦେଖିଆସିବାକୁ ବେଳ ନାହିଁ । ବାପା-ମା' ସେହିଠାରେ ପଡି ପଡି ଶେଷ ନିଶ୍ୱାସ ତ୍ୟାଗ କରୁଛନ୍ତି । ପୁଣି ଅନେକ ପୁଅ-ବୋହୂ ଘରେ ସେମାନଙ୍କ ପାଇଁ ଚାକର ବ୍ୟବସ୍ଥା କରିଦେଇ ଦୂର ଦେଶକୁ ଯାଇ ଆରାମରେ ରହୁଛନ୍ତି ଓ ସେମାନଙ୍କ ମୃତ୍ୟୁ ପରେ ଅଳ୍ପ କିଛି ଦିନ ପାଇଁ ଆସି ଶୋକ ପ୍ରକାଶ କରୁଛନ୍ତି । ଏହିପରି ନାନା ଭାବେ ଆମ ସଂସ୍କୃତିର ଅବକ୍ଷୟ ଘଟୁଥିବାରୁ ଏବେ ଭାରତ ସରକାର ବୃଦ୍ଧାବସ୍ଥାରେ ବାପା-ମା'ଙ୍କର ଯତ୍ନ ନେବାକୁ ସେମାନଙ୍କ ଜନ୍ମିତ ସନ୍ତାନମାନେ ବାଧ ବୋଲି ଆଇନ କରିଛନ୍ତି ଓ ଏହି ଆଇନ ବଳରେ ସେମାନଙ୍କୁ ଅବହେଳା ବା ହତାଦର କଲେ ସେମାନଙ୍କ ସମ୍ପତ୍ତିରେ ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଛି । ଜନ୍ମଦାତ୍ରୀ ମା'ଙ୍କ ସେବା ଓ ଯତ୍ନ ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜାତିସଂଘ ତରଫରୁ ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରରେ ବିଶ୍ୱ ଜନନୀ ଦିବସ ପାଳନ କରାଯାଉଛି ।

ଆମ ସମାଜରେ ବୃଦ୍ଧ ବାପାମା'ଙ୍କୁ ଅଲୋଡା ଭାବେ ବିଚାର କରିବା ଉଚିତ ନୁହେଁ । ସେମାନଙ୍କ ଜୀବନବାପୀ ଅଭିଜ୍ଞତାର ମୂଲ୍ୟ ଅଧିକ । ତେଣୁ ପରିବାର ବା ସମାଜରେ ସଂକଟ ସମୟ ଉପସ୍ଥିତ ହେଲେ ସେହି ଅଭିଜ୍ଞତା ଉପରେ ଆଧାରିତ ପରାମର୍ଶକୁ ଗ୍ରହଣ କରିବା ଆବଶ୍ୟକ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି-ବୃଦ୍ଧସ ବଚନଂ ଗ୍ରାହ୍ୟ, ଆପତ କାଳ ଉପସ୍ଥିତେ । ଜନନାୟକ ବିଜୁ ପଟ୍ଟନାୟକ ଏହି କାରଣରୁ ସବୁ ହାତକୁ କାମ ଓ ସବୁ ମା'ଙ୍କୁ ସମ୍ମାନର ସ୍ଲୋଗାନ ଦେଇଥିଲେ, ମାତ୍ର ଆଜି ସେ ଭାବନା କାହିଁ ? ଆଜିର ଶିଶୁ ଆସନ୍ତା କାଲି ନାଗରିକ, ମାତ୍ର ଗର୍ଭବତୀ ମହିଳାଙ୍କ ଯତ୍ନର ଅଭାବରୁ ସେମାନଙ୍କ ପିଲାଙ୍କ ଅବସ୍ଥା କ'ଣ ହେଉଛି, ସେ କଥା ଅନେକ ଜାଣୁଥିଲେ ମଧ୍ୟ ପ୍ରତିକାର ହେଉନାହିଁ । ମିଳିତ ଜାତିସଂଘର ଶିଶୁ କଲ୍ୟାଣ ସଂସ୍ଥାର ଗଣନା ଅନୁସାରେ, ଭାରତରେ ପ୍ରତି ୧୦ଜଣ ଶିଶୁଙ୍କ ମଧ୍ୟରୁ ୩ଜଣ ରକ୍ତହୀନତା ବ୍ୟାଧିରେ ପୀଡିତ । ପୁଣି ସେହି ୩ଜଣଙ୍କ ମଧ୍ୟରୁ ଜଣଙ୍କର ସନ୍ତୋଷଜନକ ଶାରୀରିକ ନ ହେବାର କାରଣ, ହେଲା ଜନ୍ମଦାତ୍ରୀ ମାତା ଉପେକ୍ଷିତା ଗର୍ଭାବସ୍ଥାରେ ପେଟପୁରା ଖାଇବାକୁ ମିଳେ ନାହିଁ, ଔଷଧ କଥା କିଏ ପଚାରେ ?

ଏକ ସର୍ଭେରୁ ଜଣାଯାଏ, ଓଡ଼ିଶାର ବହୁ ମହିଳା ନିରାପଦ ମାତୃତ୍ୱ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ବିଶେଷ ଜାଣିପାରୁନାହାନ୍ତି । ଆଦିବାସୀ ଅଞ୍ଚଳରେ ଏବେ ମଧ୍ୟ ମହିଳାମାନଙ୍କ ଗର୍ଭଧାରଣ ସମୟରୁ ପ୍ରସବ ପର୍ଯ୍ୟନ୍ତ ପରିବାରର ଲୋକମାନେ ଗୁଣିଆଙ୍କ ଉପରେ ନିର୍ଭର କରୁଛନ୍ତି । ସାମାଜିକ କୁପ୍ରଥା, ସ୍ୱାସ୍ଥ୍ୟ ରକ୍ଷାରେ ଅବହେଳା ଓ ଅଜ୍ଞତା ଯୋଗୁ ମାତୃ ମୃତୁହାର କମୁନାହିଁ । ମ୍ୟାଲେରିଆ ଓ ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ବହୁ ମହିଳାଙ୍କର ଗର୍ଭପାତ ହେଉଛି ଓ ଜନ୍ମ ସମୟର ବହୁ ଆଗରୁ ଅଳ୍ପ ଓଜନର ଦୁର୍ବଳ ଶିଶୁଙ୍କୁ ଜନ୍ମ ଦେଉଛନ୍ତି । ଅନେକ ମହିଳା ଅନ୍ଧ ବିଶ୍ୱାସ ଓ କୁ ସଂସ୍କାର ଯୋଗୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଯାଉ ନାହାନ୍ତି । ଫଳରେ ସରକାରଙ୍କ ଜନହିତକାରୀ ଯୋଜନା ଗୁଡିକରୁ ସୁଫଳ ମିଳୁନାହିଁ ।

ତେଣୁ ଆଜି ଜନନୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଯେତିକି ଆବଶ୍ୟକ ତା'ଠାରୁ ବେଶି ଆବଶ୍ୟକ ଜନ ସଚେତନତା ସୃଷ୍ଟି । ଜନ ଚେତନା ସୃଷ୍ଟି ନହେଲେ କୌଣସି ଯୋଜନାରୁ ସୁଫଳ ମିଳିବ ନାହିଁ । ଆମର ଅର୍ଦ୍ଧାଧିକ ମହିଳା ନିରକ୍ଷର ଥିବାରୁ ସେମାନଙ୍କଠାରୁ ଆଧୁନିକ ଜୀବନ ଚର୍ଯ୍ୟା ଆଶା କରାଯାଇ ପାରୁନାହିଁ । ଏଥିପାଇଁ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଜନନୀଙ୍କ କଲାଣ ଉଦ୍ଦେଶ୍ୟରେ ଜନଚେତନା ସୃଷ୍ଟି ପାଇଁ ଗୁରୁତ୍ୱ ଦିଅନ୍ତୁ । ଏହା ନହେଲେ ସେମାନଙ୍କ ଅବସ୍ଥା ଯେଉଁ ତିମିରେ ସେହି ତିମିରେ ରହିଥିବ । ଶିଶୁକୁ ଜନ୍ମ ଦେଇ ତାକୁ ସୁ ନାଗରିକ ତଥା ଉତ୍ତମ ମନୁଷ ଭାବେ ଗଢି ତୋଳିବାରେ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମା ହିଁ ପ୍ରତ୍ୟେକ ଶିଶୁର ପ୍ରଥମ ଓ ଶ୍ରେଷ୍ଠ ଶିକ୍ଷକ । ତେଣୁ ଜନନୀଙ୍କ ସଚେତନତା, ଶିକ୍ଷାର ପ୍ରସାର, ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ସ୍ୱୟଂସଂପୂର୍ଣ୍ଣତା ଯେ ନିତ୍ୟାନ୍ତ ଆବଶ୍ୟକ, ଏହାକୁ ଏଡେଇ ଦିଆଯାଇ ନପାରେ, ମାତ୍ର ଏ ସବୁ ପାଇଁ ସମସ୍ତେ ଉଦ୍ୟମ ନକଲେ, ଫଳପ୍ରଦ ହେବନାହିଁ ।

ସଦସ୍ୟ, ଓଡ଼ିଶା ସାହିତ୍ୟ
ଏକାଡେମୀ, ଭଦ୍ରକ
ମୋ : ୯୪୩୭୩୭୬୯୬୭

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com **City Office : Plot No.354, Saheed Nagar**
ସମ୍ପାଦକ : **ଜୟାଶୀଷ ରାୟ**